# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 1 August – 2025

### News Editor : Itishree Singh Rathaur

*************************************

## ମୁଖ୍ୟ ସମ୍ବାଦ

- ପିଏମ୍-କିଷାନ୍ ଯୋଜନାରେ ଆସନ୍ତାକାଲି ୯ କୋଟିରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ୨୦ତମ କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ
- ପୁରୀ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ପାଇଁ ଆରବିଆଇ ପକ୍ଷରୁ ୨ ଜଣ ବିଶେଷଜ୍ଞ ମନୋନୀତ
- ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ନିୟୋଜିତ ହେବେ ଶକ୍ତିଶ୍ରୀ ସଂଯୋଜିକା
- ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା

ଏବଂ

- ଘୋଷଣା ହେଲା ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର; **ପୁଷ୍କରା** ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର

## ପି.ଏମ୍. କିଷାନ - ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାର ହିତାଧିକାରୀମାନଙ୍କୁ ୨୦ତମ କିସ୍ତି ସହାୟତା ରାଶି ପ୍ରଦାନ କରିବେ। ଦେଶର ୯ କୋଟି ୭୦ ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୦ ହଜାର ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରେରଣ କରାଯିବ । ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥା - ସିଫାଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ହିତାଧିକାରୀମାନଙ୍କ ସହ ମତବିନିମୟ କରିବେ । କୃଷକଙ୍କ ଆୟ ବୃଦ୍ଧି କରିବାରେ କୃଷି ଏବଂ ବୈଜ୍ଞାନିକ ପଦ୍ଧତି ଉପରେ ଆଲୋକପାତ କରିବାର କାର୍ଯ୍ୟସୂଚୀ ରହିଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ରହିବେ।

## ଆଦର୍ଶ ମଣ୍ଡି

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ଆଦର୍ଶ ମଣ୍ଡି ଖୋଲିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦର୍ଶ ମଣ୍ଡି ସ୍ଥାପନ ସମ୍ପର୍କରେ ସମୀକ୍ଷା କରିବା ପରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଆସନ୍ତାବର୍ଷ ସୁଦ୍ଧା ରାଜ୍ୟରେ ୩୮ଟି ଆଦର୍ଶ ମଣ୍ଡି ଖୋଲିବ। ଆବଶ୍ୟକତା ଅନୁଯାୟୀ, କେତେକ ସ୍ଥାନରେ ୨ଟି ଲେଖାଏଁ ମଣ୍ଡି ଖୋଲାଯିବ। ଚାଷୀମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ସହ ଆଦର୍ଶ

ମଣ୍ଡିରେ ବିଶ୍ରାମାଗାର, ପାନୀୟ ଜଳ ଓ ପାର୍କିଂ ଭଳି ସୁବିଧା ଉପଲବ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ-ଆରବିଆଇ ପକ୍ଷରୁ ଦୁଇଜଣ ବିଶେଷଜ୍ଞଙ୍କୁ ମନୋନୀତ କରାଯାଇଛି। ଏ ନେଇ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ....

ରତ୍ନଭଣ୍ଡାରରେ ଥିବା ଅଳଙ୍କାରଗୁଡ଼ିକର ଗଣତିମଣତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆରବିଆଇକୁ ଅନୁରୋଧ କରାଯାଇଥିଲା। ଏହାପରେ ଆରବିଆଇ ପକ୍ଷରୁ ଦୁଇଜଣଙ୍କୁ ମନୋନୀତ କରାଯାଇଛି। ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଖୁବ୍‌ଶୀଘ୍ର ପରିଚାଳନା କମିଟି ଗଠନ କରାଯିବ। କମିଟିର ଅନୁମତିକ୍ରମେ ଉଚ୍ଚସ୍ତରୀୟ କମିଟି ଭିତର ରତ୍ନଭଣ୍ଡାରକୁ ରତ୍ନଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟା ଆରମ୍ଭ କରିବେ। ପରେ ତାରିଖ ନିର୍ଦ୍ଧାରଣ କରାଯାଇ ଆରବିଆଇର ବିଶେଷଜ୍ଞଙ୍କ ଉପସ୍ଥିତିରେ ଗଣତିମଣତି ଆରମ୍ଭ କରାଯିବ। ରାଜ୍ୟ ସରକାର ଦୀର୍ଘ ବର୍ଷ ପରେ ଗତବର୍ଷ ଜୁଲାଇ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିଥିଲେ।

ଆକାଶବାଣୀ, କଟକ ସମ୍ବାଦ ବିଭାଗ ପାଇଁ ମୁଁ ନୀନା ସାହୁ

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଜାରି ରହିଛି। ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଜଗନ୍ନାଥ ବାଟିକା-ରଥକାଠ

ରଥକାଠର ଆବଶ୍ୟକତାକୁ ପୂରଣ କରିବା ପାଇଁ ପୁରୀ ଜିଲ୍ଲାର ପ୍ରତ୍ୟେକ ପଂଚାୟତରେ ଗୋଟାଏ ଲେଖାଏଁ ରଥ ବାଟିକା ସୃଷ୍ଟି କରିବା ପାଇଁ ଜଙ୍ଗଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ପୁରୀ ଜିଲ୍ଲା  ନିମାପଡା ଏବଂ ଗୋପ ଅଂଚଳରେ ଶ୍ରୀମତୀ ପରିଡା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନରେ ଚାରା ରୋପଣ ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

## ଶକ୍ତିଶ୍ରୀ ସଂଯୋଜିକା

ରାଜ୍ୟରେ ଛାତ୍ରୀଙ୍କ ସୁରକ୍ଷା ଓ ସଶକ୍ତୀକରଣକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଶକ୍ତିଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି କ୍ରମରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଶକ୍ତିଶ୍ରୀ ସଂଯୋଜିକା ନିୟୋଜିତ କରିବା ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଶକ୍ତିଶ୍ରୀ ସଂଯୋଜିକା ଭାବେ ଜଣେ ଅଧ୍ୟାପିକାଙ୍କୁ ମନୋନୀତ କରିବାକୁ ଚିଠିରେ ନିର୍ଦ୍ଦେଶ ରହିଛି। ଆସନ୍ତା ୪ ତାରିଖ ସୋମବାର ସୁଦ୍ଧା ଶକ୍ତିଶ୍ରୀ ସଂଯୋଜିକାଙ୍କୁ ମନୋନୀତ କରି ଦାୟିତ୍ୱ ଦେବାକୁ ବିଭାଗ ପକ୍ଷରୁ କୁହାଯାଇଛି।   ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ୧୬ଟି ବିଶ୍ୱବିଦ୍ୟାଳୟ

ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ଶକ୍ତିଶ୍ରୀ ଯୋଜନା କାର୍ଯ୍ୟକାରୀ କରାଯାଇଛି।

## ଜନ ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତା ୪ ତାରିଖ ସୋମବାର ଦିନ ବନ୍ଦ ରହିବ। ଜନଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ଅବଗତ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି।

## ଓଟିଇଟି

ସ୍ପେଶାଲ ଓଟିଇଟି ପରୀକ୍ଷା ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଆଜି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପରୀକ୍ଷା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ଏବଂ ପେପର-୨ ପରୀକ୍ଷା ଅପରାହ୍ଣ ୨ଟାରୁ ସାଢ଼େ ୪ଟା ଯାଏଁ ହେବ। ଆସନ୍ତା ୨୨ ତାରିଖରୁ ବୋର୍ଡର ୱେବ୍‌ସାଇଟ୍‌ରେ ପ୍ରବେଶପତ୍ର ଉପଲବ୍ଧ ହେବ। ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ବାତିଲ କରାଯାଇଥିଲା।

## ପିଜିଟି

ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ଇତିହାସ ଓ ଇଂରାଜୀ ବିଭାଗ ସ୍ନାତକୋତ୍ତର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ୫ଦିନିଆ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱରଠାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରରେ ୧୦୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ

ଦେଇଥିବାବେଳେ ସେମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## ଆସ ଯିବା ଅଙ୍ଗନଓ୍ବାଡ଼ି

ରାଜ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ସ୍ତନ୍ୟପାନକୁ ପ୍ରାଥମିକତା ଦେବା ସହ ଏ ସମ୍ପର୍କିତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଏବଂ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଶିଶୁଙ୍କ ଉପଯୁକ୍ତ ବୃଦ୍ଧିରେ ସହାୟକ ହେବା ସହ ଶିଶୁଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ମା' କ୍ଷୀରର ପ୍ରମୁଖ ଭୂମିକା ରହିଥାଏ। ଏହାର ଗୁରୁତ୍ୱ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ରାଜ୍ୟରେ 'ଆସ ଯିବା ଅଙ୍ଗନଓ୍ବାଡି' ଅଭିଯାନ ଆରମ୍ଭ ହୋଇଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଛନ୍ତି ।

## ଭିତରକନିକା

ପର୍ଯ୍ୟଟକଙ୍କପାଇଁ ଆଜିଠାରୁ କେନ୍ଦ୍ରାପଡ଼ାସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ଖୋଲାଯାଇଛି। ପର୍ଯ୍ୟଟକମାନେ ପ୍ରଥମ ଥର ପାଇଁ ଭିତରକନିକାରେ ଲୁଣାଜାତୀୟ ଗଛର ଚାରାକୁ ହେନ୍ତାଳବଣ ନର୍ସରୀରେ ଦେଖିବା ସହିତ ବୋଟ୍ ଲାଇବ୍ରେରୀରେ ପର୍ଯ୍ୟଟକମାନେ ବହି ପଢ଼ିବାର ସୁଯୋଗ ପାଇପାରୁଛନ୍ତି।
ଏହାଛଡ଼ା ସଂଗ୍ରହାଳୟର ମଜା ନେବା ସହ ଭିତରକନିକାର ଡାଙ୍ଗମାଳଠାରେ ୬ଟି ଫାଇବର ବୋଟ୍‌ରେ ନୌବିହାରର ମଜା ନେଉଛନ୍ତି। ପୂର୍ବବର୍ଷ ଭଳି

ଚଳିତ ବର୍ଷ ପଲିଥିନ୍‌କୁ ବନ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଏ ସମ୍ପର୍କରେ ରାଜନଗର ବନଖଣ୍ଡର ଅଧିକାରୀ **ସୁଦର୍ଶନ ଗୋପୀନାଥ ଯାଦବ** କହିଛନ୍ତି.....

# - V/O -

କୁମ୍ଭୀରମାନଙ୍କ ପ୍ରଜନନପାଇଁ ପ୍ରାୟ ୩ ମାସ ପାଇଁ ଉଦ୍ୟାନ ବନ୍ଦ ରହିଥିଲା ।

## ମଡେଲ ବସ୍ ଟର୍ମିନାଲ

ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଜଗତସିଂହପୁରଠାର ନିର୍ମାଣାଧିନ ମଡେଲ ବସ୍ ଟର୍ମିନାଲ୍‌ର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଛନ୍ତି। ପ୍ରାୟ ୧୬ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି। ସମୀକ୍ଷା ସମୟରେ ଶ୍ରୀମତୀ ପାଢ଼ୀ ଟର୍ମିନାଲର ଦୀର୍ଘକାଳୀନ ବ୍ୟବସ୍ଥା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

## ଆଥଲେଟିକ୍ସ ସମୀକ୍ଷା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆସନ୍ତା ୧୦ ତାରିଖ ଦିନ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ବ୍ରୋଞ୍ଜ୍ ପ୍ରତିଯୋଗିତାର ପ୍ରସ୍ତୁତି ସମ୍ପର୍କରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ସମୀକ୍ଷା କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ପ୍ରତିଯୋଗିତାରେ ୧୯ଟି ଦେଶରୁ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ପ୍ରତିଯୋଗିତାରେ ସମୁଦାୟ ୨୦ଟି ବର୍ଗରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯିବ।

## ପୁଷ୍କରା ପୁରସ୍କୃତ

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୩ ମସିହା ପାଇଁ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ଏଥିରେ

ଓଡ଼ିଆ ସିନେମା ବର୍ଗରେ **ପୁଷ୍କରା** ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ମନୋନୀତ ହୋଇଛି ।

## ସ୍ୱଚ୍ଛତା ଅଭିଯାନ

**ସମ୍ବଲପୁର** ରେଳମଣ୍ଡଳରେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଜିଠାରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକାରୀ ହେବ । ଅଭିଯାନରେ ଟ୍ରେନ୍‌ଗୁଡ଼ିକରେ ଏବଂ ରେଳ ପରିସରରେ ସ୍ୱଚ୍ଛ ପରିବେଶ ବଜାୟ ରଖିବା ଦିଗରେ ସଚେତନତା ସୃଷ୍ଟି କରାଯିବ । ଅଭିଯାନର ଉଦ୍‌ଘାଟନରେ ଆଜି ସମ୍ବଲପୁର ମଣ୍ଡଳ ରେଳପ୍ରବନ୍ଧକଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ବସ୍‌ଷ୍ଟାଣ୍ଡ ପରିଦର୍ଶନ

**ବୌଦ୍ଧ** ଆଦର୍ଶ ବସ୍‌ଷ୍ଟାଣ୍ଡ ଓ ନିର୍ମାଣାଧୀନ ୩୦୦ ଶଯ୍ୟାବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ପରିଦର୍ଶନ କରିଛନ୍ତି । ଜିଲ୍ଲାର ବରିଷ୍ଠ ଅଧିକାରୀମାନଙ୍କ ସହ ନିର୍ମାଣକାର୍ଯ୍ୟର ଅଗ୍ରଗତି ନେଇ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି ।

## ସମ୍ବଲପୁରୀ ଦିନ୍

ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି ।

**ସୁବର୍ଣ୍ଣପୁର**ରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପଶ୍ଚିମ ଓଡ଼ିଶାର

ଶବ୍ଦକୋଷ, ଭାଷା-ସାହିତ୍ୟ ଏବଂ ସଂସ୍କୃତିର ସମୃଦ୍ଧିରେ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

**ବୌଦ୍ଧ** ଟାଉନ୍‌ହଲଠା୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଳାକାର, କଣ୍ଠଶିଳ୍ପୀ, ସାହିତ୍ୟିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ସାମିଲ ହୋଇଥିଲେ।

**ନୂଆପଡ଼ା** ଜିଲ୍ଲା ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ସମ୍ବଲପୁରୀ ଦିନ୍ ପାଳନ କରାଯାଇଛି। ଛାତ୍ରଛାତ୍ରୀମାନେ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ନୃତ୍ୟ ପରିବେଷଣ କରିଥିଲେ।

## ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରରେ ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୦ ଦଶମିକ ୪/୫ ଘନଫୁଟ ରହିଥିଲା। ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୧୧ ହଜାର ୪୨ ଘନଫୁଟ ଜଳ ପ୍ରବେଶ କରୁଥିଲା। ସେହି ସମୟ ମଧ୍ୟରେ ୨ଟି ସ୍ଲୁଇସ୍ ଗେଟ୍ ଦେଇ ୬୨ ହଜାର ୮୯୬ ଘନଫୁଟ ଜଳ ନିଷ୍କାସିତ ହେଉଛି।

*********************************